# କୋଭିଡ-୧୯ ତାଲାବନ୍ଦ ପ୍ରତିବନ୍ଧକ ଉଠିଯିବା ପରେ ପ୍ରବାସୀ ଶ୍ରମିକ ଓ ଅନ୍ୟମାନଙ୍କ ଘରଲେଉଟାଣି ଯାତ୍ରା[୧]

*ଓଁମ ଦମ୍ଭାଣୀ, ଶ୍ରୀଜିତ୍ ମିଶ୍ର, ଜୟେନ୍ଦ୍ରନ ଭେଙ୍କଟେଶ୍ୱରନ*[୨]

*୪ ମଇ ୨୦୨୦* (ଇଂରାଜୀ ସଂସ୍କରଣ ୨୭ ଏପ୍ରିଲ ୨୦୨୦)

**ଉଦ୍ଧୃତାଂଶ :** ତାଲାବନ୍ଦ ଏବଂ ଗମନାଗମନ ପ୍ରତିବନ୍ଧକ କୋହଳ କରାଯିବାର ସମ୍ଭାବନାକୁ ଆଖିରେ ରଖି ରାଜ୍ୟମାନେ ପ୍ରବାସୀ ଶ୍ରମିକ ଓ ଅନ୍ୟମାନଙ୍କର ଫେରିବା ବା ଘରଲେଉଟାଣି ଯାତ୍ରା ନେଇ ଯୋଜନା କରି ସାରିଲେଣି। ଏହି ପରିପ୍ରେକ୍ଷୀରେ ଏହି ନୀତିପତ୍ରର ମତ ଯେ ପ୍ରବାସୀମାନଙ୍କ ଲେଉଟାଣୀ କାର୍ଯ୍ୟକ୍ରମକୁ ପର୍ଯ୍ୟାୟକ୍ରମେ କରାଯିବା ଦରକାର। ଫେରୁଥିବା ବା ଫେରିବାକୁ ଚାହୁଁଥିବା ଲୋକମାନଙ୍କର ପଞ୍ଜୀକରଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଉ। ଏଥିରେ ସୀମିତ ବାଧ୍ୟତାମୂଳକ ପ୍ରାବଧାନ ଯେପରିକି ବର୍ଜିତ ବା ବଞ୍ଚିତ ହେବାର ତ୍ରୁଟିକୁ ଏଡାଇବା ପାଇଁ କିଏ କିଏ ଫେରିବାକୁ ଚାହୁଁଛନ୍ତି ତାକୁ ନଦେଖି କେତେ ଲୋକ ଫେରୁଛନ୍ତି ତାହା ଉପରେ ଗୁରୁତ୍ୱଦେଇ ପଞ୍ଜୀକରଣ କରାଯିବା ସହିତ ସେମାନଙ୍କ ଫେରିବା ପାଇଁ ଆବଶ୍ୟକ ସତର୍କତା ସହିତ ବିଶେଷ ବସ ବା ଟ୍ରେନ ଚଳାଇବାର ବ୍ୟବସ୍ଥା କରାଯିବା ଜରୁରୀ। ଏକକାଳୀନ ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକଙ୍କ ଫେରିବା ଆଶଙ୍କାକୁ ନେଇ ନା କେବଳ ଏକାଧିକ ସଙ୍ଗରୋଧ କେନ୍ଦ୍ର (କ୍ୱାରାଣ୍ଟାଇନ ସେଣ୍ଟର) ସହ ଏକାନ୍ତବାସ କେନ୍ଦ୍ର (ଆଇସୋଲେସନ ସେଣ୍ଟର) ରହିବା ଉଚିତ ବରଂ ଛୋଟ ଛୋଟ ଗୋଷ୍ଠୀ ଏବଂ ସ୍ବଗୃହ ସଙ୍ଗରୋଧ (ହୋମ୍ କ୍ୱାରାଣ୍ଟାଇନ) ଉପରେ ମଧ୍ୟ ବିଚାର କରିବା ଉଚିତ। ଏହି ସବୁ କେନ୍ଦ୍ର ଗୁଡିକରେ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଣ ଉପକରଣ, ଅଣ କୋଭିଡ-୧୯ ଆଧାରିତ ରୋଗ ନିରୀକ୍ଷଣ, କେନ୍ଦ୍ରଗୁଡିକର ସ୍ୱଚ୍ଛତା ଓ ଏହାକୁ ସ୍ୱାସ୍ଥ୍ୟପ୍ରଦ ରଖାଯିବା ବ୍ୟବସ୍ଥା, ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଁ ପୁଷ୍ଟିକାରକ ଖାଦ୍ୟ ବ୍ୟବସ୍ଥା ସହିତ ଶାରୀରିକ ଓ ମାନସିକ ସକ୍ରୀୟତା ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍।

## ଉପକ୍ରମଣିକା

ଆଜିର ଦିନରେ (୨୭ ଏପ୍ରିଲ ୨୦୨୦) କୋଭିଡ-୧୯ ମହାମାରୀର ପ୍ରକୋପ ବିଶ୍ୱର ଅନ୍ୟାନ୍ୟ ଦେଶମାନଙ୍କ ତୁଳନାରେ ଭାରତରେ କମ ରହିଛି। ବିଶ୍ୱସ୍ତରରେ ଏକ ଲକ୍ଷ ଲୋକରେ ୩୭ ଜଣ କୋଭିଡ-୧୯ ଆକ୍ରାନ୍ତ ଚିହ୍ନିତ ହୋଇଥିବା ବେଳେ ଭାରତରେ ତାହା ଏକ ଲକ୍ଷ ଲୋକରେ ୨ ଜଣରେ ସୀମିତ ରହିଛି। ଭାରତରେ ମଧ୍ୟ ଏଥିରେ ଭିନ୍ନତା ଦେଖିବାକୁ ମିଳିଥାଏ। ଏହି ମହାମାରୀକୁ ପ୍ରସାରିତ ହେବାକୁ ରୋକିବାରେ ଓଡ଼ିଶା ଓ କେରଳ ତୁଳନାତ୍ମକ ଭାବରେ ବହୁତ ଭଲ କରିଛନ୍ତି। କେରଳ ଓ ଦେଶର ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଥିବା ତଫାତଟି ହେଉଛି ଯେ ଦେଶର ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା କେରଳ ରାଜ୍ୟର ଅଧିକ ସଂଖ୍ୟକ ଲୋକ ବିଶ୍ୱର ବିଭିନ୍ନ ଦେଶରେ ରହିଛନ୍ତି। ଭାରତର ପ୍ରଥମ କୋଭିଡ-୧୯ ପଜିଟିଭ କେରଳରେ ଚିହ୍ନଟ ହୋଇଥିଲେ। ସେ ଜଣେ ଛାତ୍ର ଏବଂ ଚୀନ୍‌ରେ ଅଧ୍ୟୟନରତ ଥିଲେ। ଚୀନରେ କରୋନା ମହାମାରୀର ରୂପ ନେବା ପରେ ସେ ଭାରତ ଚାଲି ଆସିଥିଲେ। ୩ ମଇ ୨୦୨୦ ପରେ ଦେଶରେ ଗମନାଗମନ କ୍ଷେତ୍ର ସମ୍ଭାବ୍ୟ କଟକଣାମୁକ୍ତ ହେବା ପରେ ବିହାର, ଓଡିଶା, ଉତ୍ତର ପ୍ରଦେଶ ପରି ରାଜ୍ୟରେ କୋଭିଡ-୧୯ର ପ୍ରଭାବ ଅଧିକ ହୋଇପାରେ କାରଣ ଏହି ରାଜ୍ୟଗୁଡିକୁ ଅନ୍ୟ ରାଜ୍ୟରେ ଥିବା ପ୍ରବାସୀ ଶ୍ରମିକ, ଛାତ୍ର ଓ ଅନ୍ୟମାନେ ଅଧିକ ସଂଖ୍ୟାରେ ଫେରି ପାରନ୍ତି। ଏଥିପାଇଁ ଆମେ ଏଠାରେ କେତେକ ପ୍ରସ୍ତାବ ରଖୁଛୁ।

---

[୧] ଏହି ଲେଖା ଟି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନୀତିପତ୍ର ୧୮କ(18a) ଓ ଏହା ଇଂରାଜୀ ନୀତିପତ୍ର ୧୮ (PB18NCDS, COVID-19: Return of Migrant Workers and Others after Easing of Lockdown Restrictions, 27 April 2020) ର ଓଡ଼ିଆ ସଂସ୍କରଣ, ଯାହାକି ମୂଳ ଇଂରାଜୀ ଲେଖାରୁ ସୁରେନ୍ଦ୍ର ପାତ୍ରଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦିତ ହୋଇଅଛି।

[୨] ଓଁମ ଦମ୍ଭାଣୀ ହେଉଛନ୍ତି ଭାରତୀୟ ପ୍ରୌଦ୍ୟୋଗିକୀ ସଂସ୍ଥାନ (Indian Institute of Technology), ମୁମ୍ବାଇର କମ୍ପ୍ୟୁଟର ସାଇଁସ ଆଣ୍ଡ ଇଂଜିନିୟରିଂ ବିଭାଗର ପ୍ରଫେସର ଏବଂ ସେଣ୍ଟର ଫର ପଲିସି ଷ୍ଟଡିଜ୍ ସହିତ ଜଡିତ। ଶ୍ରୀଜିତ୍ ମିଶ୍ର ହେଉଛନ୍ତି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଏବଂ ଇନ୍ଦିରା ଗାନ୍ଧୀ ବିକାଶ ଅନୁସନ୍ଧାନ ସଂସ୍ଥା, ମୁମ୍ବାଇର ପ୍ରଫେସର। ଜୟେନ୍ଦ୍ରନ ଭେଙ୍କଟେଶ୍ୱରନ ହେଉଛନ୍ତି ଭାରତୀୟ ପ୍ରୌଦ୍ୟୋଗିକୀ ସଂସ୍ଥାନ, ମୁମ୍ବାଇର ଇଣ୍ଡଷ୍ଟ୍ରିୟାଲ ଇଂଜିନିୟରିଂ ଆଣ୍ଡ ଅପରେସନ୍ସ ରିସର୍ଚ୍ଚ ବିଭାଗର ପ୍ରଫେସର।

## ପର୍ଯ୍ୟାୟକ୍ରମେ ଗମନାଗମନ ଓ ଅନ୍ୟ କ୍ଷେତ୍ର କଟକଣାମୁକ୍ତ ହେଉ

ଜାତୀୟ ସ୍ତରରେ ଗମନାଗମନ ଓ ଅନ୍ୟାନ୍ୟ କ୍ଷେତ୍ରରୁ ପର୍ଯ୍ୟାୟକ୍ରମେ କଟକଣା ଉଠାଯିବା ଉଚିତ୍।[୩] ସଂକ୍ରମିତ ଜୋନଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ଗୁଡିକର ନିୟମିତ ଯୋଗାଣର ବ୍ୟବସ୍ଥା କରାଯାଇ ସାରା କ୍ଷେତ୍ରରେ କଟକଣାକୁ କଡାକଡି ଭାବେ ପାଳନ କରାଯିବା ଉଚିତ୍।

ସେହିପରି ଜାତୀୟ ସ୍ତରରେ ହଟସ୍ପଟ ଭାବେ ଚିହ୍ନିତ ରାଜ୍ୟ ଓ ରାଜ୍ୟଗୁଡିକରେ ହଟସ୍ପଟ ଚିହ୍ନିତ ଜିଲ୍ଲା ଓ ନଗର ଗୁଡିକରେ କଟକଣାକୁ କଡାକଡି କରାଯିବା ଉଚିତ୍। ଯଦି ଆନ୍ତଃରାଜ୍ୟ ବା ଆନ୍ତଃଜିଲା ଯାତ୍ରୀମାନଙ୍କୁ କୌଣସି ହଟସ୍ପଟ ଚିହ୍ନିତ ଜିଲ୍ଲା ବା ସହର ଦେଇ ଯାତ୍ରା କରିବାକୁ ପଡୁଥାଏ ତେବେ ଯାତ୍ରାପଥରୁ ସ୍ଥାନୀୟ ଲୋକମାନଙ୍କୁ ଦୂରେଇ ରଖାଯିବା ଆବଶ୍ୟକ।

ସବୁଠାରୁ ଭଲ ହେବ ଯଦି ଯାତ୍ରା ପାଇଁ ଅନୁମତି ଦେବା ପୂର୍ବରୁ ଆବଶ୍ୟକ ଯାଞ୍ଚ କରାଇ ନିଆଯିବ। ଯାତ୍ରାପାଇଁ ବ୍ୟବହୃତ ବାହନକୁ ଭଲଭାବେ ସ୍ୱଚ୍ଛ କରାଯିବା, ବାହନରେ ଯାତ୍ରୀମାନଙ୍କ ମଧ୍ୟରେ ଆବଶ୍ୟକ ଦୁରତା ରକ୍ଷା କରିବା, କେବଳ ୨ ବର୍ଷ ବୟସରୁ କମ ଶିଶୁ ଓ ଯେଉଁମାନଙ୍କୁ ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେବା କାରଣରୁ ଡାକ୍ତରମାନଙ୍କ ପକ୍ଷରୁ ମାସ୍କ ପିନ୍ଧିବାକୁ ମନା କରାଯାଇଅଛି ସେମାନଙ୍କୁ ବାଦ ଦେଇ ଅନ୍ୟ ସମସ୍ତେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯିବା ଉଚିତ। ଯେଉଁମାନଙ୍କ ଶରୀରରେ କୌଣସି ଅସ୍ୱାସ୍ଥ୍ୟକର ଲକ୍ଷଣ ରହିଛି ସେମାନେ ଯାତ୍ରାରେ ସାମିଲ ହେବା ଅନୁଚିତ୍। ତେବେ ଯଦି କେହି କୋଭିଡ-୧୯ରେ ଆକ୍ରାନ୍ତ ହୋଇ ନ ଥିବେ ତେବେ ସେମାନଙ୍କର ଅନ୍ୟାନ୍ୟ ଅସୁସ୍ଥତାର ଲକ୍ଷଣ ଥିଲେ ମଧ୍ୟ ସେମାନଙ୍କୁ ପର୍ଯ୍ୟାପ୍ତ ଦୁରତା ରଖାଯାଇ ଯାତ୍ରାରେ ସାମିଲ କରାଯାଇପାରେ।

## ଫେରୁଥିବା ପ୍ରବାସୀମାନଙ୍କର ପଂଜିକରଣ

ପ୍ରଶାସନର ଭବିଷ୍ୟତ ସୁବିଧା ପାଇଁ ରାଜ୍ୟକୁ କେତେଜଣ ପ୍ରବାସୀ ଫେରୁଛନ୍ତି, ସେମାନେ କେଉଁଠାରୁ ଫେରୁଛନ୍ତି ଏବଂ ସେମାନଙ୍କର ଲକ୍ଷ୍ୟସ୍ଥଳ କେଉଁଠି ଏ ସବୁର ତଥ୍ୟ ପଞ୍ଜୀକୃତ ହୋଇଥିଲେ ତାହା ଭବିଷ୍ୟତର ଯୋଜନାକାର ମାନଙ୍କପାଇଁ ସହାୟକ ହେବ। ସେମାନଙ୍କ ମଧ୍ୟରୁ କେତେକଙ୍କ ପାଖରେ ସଙ୍ଗରୋଧର ପ୍ରସ୍ତୁତିକରଣକୁ ନେଇ ଜ୍ଞାନ ରହିଛି । ଯେଉଁ ପ୍ରବାସୀମାନେ କୌଣସି ହଟସ୍ପଟ ଚିହ୍ନିତ ରାସ୍ତା ଦେଇ ଫେରିଛନ୍ତି ସେମାନଙ୍କ ପାଇଁ ଅଧିକ ଦିନର ସଙ୍ଗରୋଧ ଆବଶ୍ୟକତା ପଡିପାରେ। ସେମାନଙ୍କର ଅନ୍ତିମ ଗନ୍ତବ୍ୟସ୍ଥଳରୁ ଜଣାପଡିବ ଯେ ସଙ୍ଗରୋଧ କେନ୍ଦ୍ର ଟି ସେମାନଙ୍କ ବାସସ୍ଥାନ ନିକଟରେ ରହିଛି କି ଦୂରରେ ଅଛି। କିନ୍ତୁ ସଙ୍ଗରୋଧ ସମୟ ଶେଷ ହୋଇଯିବା ପରେ ସେମାନଙ୍କୁ ସେମାନଙ୍କ ଘରକୁ ଫେରିବାପାଇଁ ସୁବିଧା ଯୋଗାଇ ଦିଆଯିବା ଉଚିତ୍।

ସମ୍ପ୍ରତି ସବୁଠାରୁ ବଡ କଥା ହେଉଛି ଯେ କେତେଜଣ ଲୋକ ଫେରୁଛନ୍ତି ସେକଥା ଜଣାଯିବା ଦରକାର । ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ହୁଅନ୍ତୁ ବା ୱାର୍ଡ ମେମ୍ବର ମାନଙ୍କୁ ଡାକି ଏକ ମୋଟାମୋଟି ସୂଚନା ହାସଲ କରାଯିବା ଉଚିତ୍ ଯେ ସେମାନଙ୍କ ପଞ୍ଚାୟତ ବା ୱାର୍ଡରୁ କେତେଲୋକ ପ୍ରବାସରୁ ଫେରି ପାରନ୍ତି। ବିକଳ୍ପ ଭାବରେ ଯେଉଁ ସ୍ଥାନରୁ ଏହି ପ୍ରବାସୀ ଲୋକମାନେ ଫେରୁଛନ୍ତି ସେମାନଙ୍କ ବିଷୟରେ ସୂଚନା ଦେବାପାଇଁ ଜଣେ ସଂଯୋଗକାରୀ ବ୍ୟକ୍ତି ବା ଫୋନନମ୍ବର ଯୋଗାଡ କରାଯାଇ ପାରିବ ଯାହାଦ୍ୱାରା ଫେରୁଥିବା ଲୋକମାନଙ୍କର ସାଧାରଣ ଗନ୍ତବ୍ୟସ୍ଥଳ ବିଷୟରେ ଜଣାପଡିବ। ଏହି ପଦ୍ଧତିଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ବର୍ଜିତ ତ୍ରୁଟି ହ୍ରାସ କରିପାରେ, ଯେତେବେଳେ କି ନକଲ ହେତୁ ଦ୍ୱିତୀୟଟି ମଧ୍ୟ ଅତ୍ୟଧିକ ଆକଳନ କରିପାରେ।

ଓଡିଶା ସରକାର ଏଥିପାଇଁ ଏକ ପୋର୍ଟାଲ ଖୋଲି ସାରିଛନ୍ତି। କିନ୍ତୁ ମୋଟ କେତେ ପ୍ରବାସୀ ଲୋକ ଫେରିବେ ତାହା ଜାଣିବା ପାଇଁ ରାଜ୍ୟକୁ ଫେରିବାପାଇଁ ବ୍ୟଗ୍ର ପ୍ରତ୍ୟେକ ଲୋକଙ୍କ ବିଷୟରେ ସୂଚନା ଏକତ୍ରିତ କରାଯାଉଛି ଯାହାକୁ ଭିତରେ ପ୍ରକୃତରେ କେତେ ପ୍ରବାସୀ ଶ୍ରମିକ ଫେରିବେ ସେ ବିଷୟରେ ତଥ୍ୟ ମିଳି ପାରିବ। ତେବେ ସେମାନଙ୍କ ସଠିକ ପରିଚୟ ମାଧ୍ୟମରେ ତଥ୍ୟ ଏକତ୍ରିତ କରିବା ଯେତିକି କଷ୍ଟସାଧ୍ୟ ସେତିକି ସମୟ ସାପେକ୍ଷ ମଧ୍ୟ ହେବ। ସେହିଭଳି କେତେକ ବାଧ୍ୟତାମୂଳକ ପ୍ରାବଧାନ ଯୋଗୁ ମଧ୍ୟ କିଛି ଲୋକଙ୍କର

[୩] ଲାନସେଟରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ଚୀନ୍‌ର କୋଭିଡ-୧୯ର ୬୦ ପ୍ରତିଶତ ସଂକ୍ରମଣ କେବଳ ୱୁହାନ ସହରରେ ରହିଥିଲା। ଖାଲି ସେତିକି ନୁହେଁ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନୀତିପତ୍ର ୧୨ (PB12NCDS) ଅନୁସାରେ ୱୁହାନ ସମେତ ୮୪ ପ୍ରତିଶତ ସଂକ୍ରମଣ କେବଳ ହୁବେଇ ପ୍ରଦେଶରେ ଥିଲା ଏବଂ ଚୀନ୍‌ର ସମସ୍ତ ସଂକ୍ରମଣ କେବଳ ୩୧ ଟି ପ୍ରଦେଶ ମଧ୍ୟରୁ ୯ ଟିରେ ସୀମିତ ରହିଥିଲା। ଏହା ଗମନାଗମନ ଉପରେ କଡାକଡି କଟକଣା ପାଇଁ ହୋଇ ପାରିଥିଲା। ଗାର୍ଡିଆନରେ ଏକ ଲେଖା ଅନୁଯାୟୀ କେବଳ ଏପ୍ରିଲ ପ୍ରାରମ୍ଭରେ ହିଁ ତିନି ମାସର ପ୍ରତିବନ୍ଧକ ପରେ ୱୁହାନର ବାସିନ୍ଦାଙ୍କୁ ସହର ବାହାରେ ଯାତ୍ରା କରିବାକୁ ଆବଶ୍ୟକୀୟ ଯାଞ୍ଚ ଓ ଅନ୍ୟାନ୍ୟ ପ୍ରତିବନ୍ଧକ ସହିତ ଅନୁମତି ଦିଆଯାଇଥିଲା।

ବଞ୍ଚିତ ହେବାର ସମସ୍ୟା ଦେଖାଦେଇପାରେ, କାରଣ କିଛି ଲୋକଙ୍କ ପାଖରେ ହୁଏତ ଫୋନନମ୍ବର ନ ଥିବ ବା ଆଧାରର ସମ୍ପୂର୍ଣ୍ଣ ସୂଚନା ନ ଥିବ। କିଛି ଲୋକଙ୍କ ପାଖରେ ଫୋନ ଥିଲେ ମଧ୍ୟ ସେଥିରେ ଆବଶ୍ୟକ ବାଲାନ୍ସ ନ ଥିବ। କିଛି ଲୋକଙ୍କର ଠିକଣାରେ ଯୋଗାଯୋଗ ବ୍ୟକ୍ତିଟିଏ ମଧ୍ୟ ହୁଏତ ନ ଥିବେ, ଅଥବା ପଞ୍ଜୀକରଣ କରିବା ପାଇଁ  ଅନଲାଇନରେ ଫର୍ମ ଭରିବାକୁ ଆବଶ୍ୟକ ଇଣ୍ଟରନେଟ୍ ସୁବିଧା ମଧ୍ୟ ନ ଥାଇପାରେ। ଏହି ସବୁ କାରଣରୁ ପଂଜିକରଣରୁ ବଞ୍ଚିତ ରହିଯାଉଥିବା ଲୋକଙ୍କ ପାଇଁ ବାସ୍ତବରେ କେତେ ଲୋକ ଫେରିବେ ସେ ବିଷୟରେ ସଠିକ ହିସାବ ହୁଏତ ମିଳି ନ ପାରେ ବା ସଂଖ୍ୟା କମ ହୋଇଯାଇପାରେ।

ଏଭଳି ଏକ ଅନିଶ୍ଚିତ ସମୟରେ କମ ଲୋଙ୍କ ପାଇଁ ପ୍ରସ୍ତୁତି କରି ଅଧିକ ଲୋକ ଫେରିବାକୁ ନେଇ ସମସ୍ୟାର ସମ୍ମୁଖୀନ ହେବା ଅପେକ୍ଷା ବାସ୍ତବରେ ଯେତିକି ଲୋକ ଫେରିବାର ସୂଚନା ରହିଛି ତା ଠାରୁ ଅଧିକ ସଂଖ୍ୟକ ଲୋକଙ୍କ ଫେରିବା ପାଇଁ ପ୍ରସ୍ତୁତି କରିନେବା ଭଲ।

**ସ୍ୱତନ୍ତ୍ର ରେଳ/ବସ ବ୍ୟବସ୍ଥା**

ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରୁ କେତେ ସଂଖ୍ୟକ ଲୋକ ଫେରିବାକୁ ଯାଉଛନ୍ତି ସେ ବିଷୟରେ ନିଶ୍ଚିତ ହୋଇଯିବା ପରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସ୍ୱତନ୍ତ୍ର ରେଳଗାଡି ବା ବସ ବ୍ୟବସ୍ଥା କରାଯାଇପାରେ। ଏହାକୁ ପ୍ରବାସୀ ଶ୍ରମିକମାନଙ୍କର ସ୍ରୋତ ଓ ସେମାନେ ଯାଉଥିବା ସ୍ଥାନ ଆଦି ବିଷୟରେ (ମ୍ୟାପରେ ଦିଆଯାଇଥିବା ବ୍ୟାପକ ସୂଚନା ଆଧାରରେ) ସ୍ଥିର କରାଯାଇପାରେ। ଆଉଟଲୁକ ଇଣ୍ଡିଆର ଏକ ଲେଖାରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୧୧ ଜନଗଣନା ମୁତାବକ ଦେଶରେ ୬ ରୁ ୭ କୋଟି ପ୍ରବାସୀ ଶ୍ରମିକ ରହିଛନ୍ତି। ସେଥିରୁ ୩୩ ପ୍ରତିଶତ ହେଉଛନ୍ତି ଉତ୍ତର ପ୍ରଦେଶର ଏବଂ ୧୫ ପ୍ରତିଶତ ହେଉଛନ୍ତି ବିହାରର। ପ୍ରବାସୀ ଶ୍ରମିକଙ୍କ କ୍ଷେତ୍ରରେ ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳ ମଧ୍ୟ ଏକ ହଟସ୍ପଟ ଏବଂ କାମଧନ୍ଦା ନଥିଲେ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରୁ ମଧ୍ୟ ଶ୍ରମିକମାନେ କାର୍ଯ୍ୟ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇଥାନ୍ତି।[୪]

ଏହି ସମୟରେ ଯଦି ପ୍ରବାସୀମାନେ ଅପେକ୍ଷା କରି ରହିଥିବା ସ୍ଥାନରୁ ସ୍ୱତନ୍ତ୍ର ରେଳଗାଡି ବା ବସର ବ୍ୟବସ୍ଥା କରାଯାଇ ନପାରେ ତେବେ ବିଭିନ୍ନ ରାଜ୍ୟର ସୀମା ବା ସୀମାନ୍ତ ରେଳଷ୍ଟେସନ ଗୁଡିକରୁ ବିଭିନ୍ନ ସ୍ଥାନକୁ ସ୍ୱତନ୍ତ୍ର ବସ ବା ଅନ୍ୟାନ୍ୟ ବାହନର ବ୍ୟବସ୍ଥା କରାଯାଇପାରେ। ଏହି ସବୁ ଟ୍ରାଂଜିଟ ପଏଣ୍ଟ ଗୁଡିକରେ ପର୍ଯ୍ୟାପ୍ତ ମାତ୍ରାରେ ସାବୁନ/ସାନିଟାଇଜର, ମୁହଁ, ନାକ ଘୋଡେଇ ହୋଇପାରୁଥିବା ମୁଖା ବା ମାସ୍କ, ଜରୁରୀ ଦୂରତା ରକ୍ଷା ସହିତ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ଏବଂ ଏକାନ୍ତବାସ ଏବଂ ସଙ୍ଗରୋଧ କେନ୍ଦ୍ରଗୁଡିକୁ ପଠାଯିବାର ବ୍ୟବସ୍ଥା ରହିଥିବା ଆବଶ୍ୟକ ।

**ସଙ୍ଗରୋଧ (କ୍ୱାରାଣ୍ଟାଇନ)**

ଯେତେ ସଂଖ୍ୟକ ପ୍ରବାସୀ ଶ୍ରମିକ, ଛାତ୍ରଛାତ୍ରୀ ବା ଅନ୍ୟାନ୍ୟ ଲୋକ ରାଜ୍ୟକୁ ଫେରୁଛନ୍ତି ସେ ସମସ୍ତଙ୍କୁ ସଙ୍ଗରୋଧରେ ରଖାଯିବାର ବ୍ୟବସ୍ଥା ପୂର୍ବରୁ କରାଯିବା ଆବଶ୍ୟକ। କାରଣ ହଠାତ୍ ଏତେ ଲୋକଙ୍କ ପାଇଁ ଏକ ସମୟରେ ଏତେଗୁଡିଏ ସଙ୍ଗରୋଧ କେନ୍ଦ୍ର କରିବା ହୁଏତ ସମ୍ଭବ ହୋଇ ନ ପାରେ।

ଏଥିପାଇଁ ଯେଉଁ ପ୍ରବାସୀମାନେ କୋଭିଡ-୧୯ ହଟସ୍ପଟ ଅଂଚଳରୁ ଆସି ନାହାନ୍ତି, ଯେଉଁମାନଙ୍କ ଠାରେ କରୋନାର କୌଣସି ଲକ୍ଷଣ ପରିଲକ୍ଷିତ ହେଉ ନାହିଁ ସେମାନଙ୍କୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହିତ ନିଜ ଘରେ ସ୍ୱଗୃହ ସଙ୍ଗରୋଧ (ହୋମ୍ କ୍ୱାରାଣ୍ଟାଇନ) ରେ ରଖାଯାଇପାରେ । ତେବେ ଏହି ଲୋକମାନେ ଯେପରି ହାଇରିସ୍କ ଥିବା ଲୋକମାନଙ୍କ ସମ୍ପର୍କରେ ନ ଆସିବେ ତା ଉପରେ ଗୁରୁତ୍ୱ ଦେବାକୁ ହେବ ।

ଏବେ ଅଧିକରୁ ଅଧିକ ବହୁମୁଖୀ ସଙ୍ଗରୋଧ କେନ୍ଦ୍ର (କ୍ୱାରାଣ୍ଟାଇନ ସେଣ୍ଟର) ସ୍ଥାପନ କରାଯିବା ଉଚିତ୍। କାରଣ ଯେଉଁମାନେ ହାଇରିସ୍କ ଜୋନରେ ଅଛନ୍ତି ବିଶେଷକରି ବୃଦ୍ଧ ଓ ଅତି ଅସୁସ୍ଥ ଅବସ୍ଥା ଦେଇ ଗତି କରୁଛନ୍ତି ସେମାନଙ୍କୁ ଅନ୍ୟମାନଙ୍କ ସହିତ ଏକତ୍ର ରଖା ନ ଯାଇ ଭିନ୍ନ ଭିନ୍ନ କେନ୍ଦ୍ରରେ ରଖାଯିବା ଆବଶ୍ୟକ। ଯେଉଁମାନେ କୋଭିଡ-୧୯ ଦ୍ୱାରା ସଂକ୍ରମିତ ନୁହନ୍ତି ସେମାନଙ୍କୁ କୋଭିଡ-୧୯

---

[୪] ଓଡିଶା ସରକାରଙ୍କ ଏକ ପ୍ରାରମ୍ଭିକ ଆକଳନ ଅନୁଯାୟୀ ରାଜ୍ୟ ବାହାରେ ପାଞ୍ଚ ଲକ୍ଷ ପ୍ରବାସୀ ଲୋକ ଫେରିବେ। ଓଡିଶାର ୪.୫ କୋଟି ଜନସଂଖ୍ୟାର ଏହା ୧.୧ ପ୍ରତିଶତ। ଫେରୁଥିବା ପ୍ରବାସୀମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରାମାଞ୍ଚଳର ତେବେ ଏହା ପ୍ରତି ଗ୍ରାମ ପଞ୍ଚାୟତରେ ପିଛା ପ୍ରାୟ ୭୫ ଜଣ ବ୍ୟକ୍ତି (ଓଡିଶାରେ ୬୭୯୮ଟି ଗ୍ରାମ ପଞ୍ଚାୟତ ଅଛି)। ଗଞ୍ଜାମର (ସୁରତ ସହିତ ସମ୍ପର୍କ ପାଇଁ) ଓ ବାଲେଶ୍ୱର ଏବଂ  ଭଦ୍ରକର (କଲିକତା ସହିତ ସମ୍ପର୍କ ପାଇଁ) ଅଧିକ ଲୋକ ଆସିବାର ସମ୍ଭାବନା ଅଛି।

ସଂକ୍ରମିତଙ୍କ ସହିତ ରଖାଯିବା ଅନୁଚିତ୍। ଏଭଳି ଲୋକମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା ପୂର୍ବରୁ ସ୍ୱତନ୍ତ୍ର ଏକାନ୍ତବାସ କେନ୍ଦ୍ର (ଆଇସୋଲେସନ ସେଣ୍ଟର) ଗୁଡିକରେ ରଖାଯିବା ଆବଶ୍ୟକ। ସ୍ୱତନ୍ତ୍ର ଏକାନ୍ତବାସ ପାଇଁ ଏକ ଭଲଭାବରେ ମୁକ୍ତ ବାୟୁ ଚଳାଚଳ କରୁଥିବା ଏବଂ ଏକ ବା ଏକାଧିକ ପାଇଖାନା ସଂଲଗ୍ନ କୋଠରୀକୁ ବ୍ୟବହାର କରାଯାଇ ପାରିବ।[୫]

ସଙ୍ଗରୋଧ କେନ୍ଦ ପ୍ରସ୍ତୁତ କରାଯିବାର ଅସୁବିଧାଟି ହେଉଛି ଯେ ସଙ୍ଗରୋଧ କେନ୍ଦ୍ରଗୁଡିକରେ ଲୋକମାନଙ୍କୁ ଏକତ୍ର ଭୋଜନ କରିବାକୁ ଦିଆଯାଇଥାଏ। ଏଥିରେ କୋଭିଡ-୧୯ ବ୍ୟାପିବାର ଆଶଙ୍କା ରହୁଛି। ସେଭଳି କୌଣସି ଆଶଙ୍କା ଦେଖାଯିବା କ୍ଷଣି ଆଶଙ୍କା ଥିବା ଲୋକମାନଙ୍କୁ ଛୋଟ ଛୋଟ ଗୋଷ୍ଠୀରେ ରଖାଯିବା ଉଚିତ୍।

ସଙ୍ଗରୋଧର ଅବଧି ଅତିକମରେ ୧୪ ଦିନ ହେବା ଜରୁରୀ। ଯଦି ପ୍ରଥମ ୧୪ ଦିନର ଅବଧି ମଧ୍ୟରେ ଆକ୍ରାନ୍ତଙ୍କ ଶରୀରରେ ପୁଣି କୌଣସି ଲକ୍ଷଣ ଦେଖା ଦେଲା ତେବେ ସଙ୍ଗରୋଧର ସମୟକୁ ଲକ୍ଷଣ ଦେଖାଯିବା ଦିନଠାରୁ ଅଧିକ ୧୪ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ଉଚିତ୍। ଯଦି ଲକ୍ଷଣ ଦେଖାଯାଇଥିବା ବ୍ୟକ୍ତି ହଟସ୍ପଟ ଅଂଚଳରୁ ଆସିଥାଆନ୍ତି ଓ ଅନ୍ୟ ସହଯାତ୍ରୀମାନଙ୍କ ସହିତ ଆସିଥାଆନ୍ତି ତେବେ ତାଙ୍କୁ ତୁରନ୍ତ ଅଲଗା ରଖାଯିବା ଆବଶ୍ୟକ ଏବଂ ତାଙ୍କୁ ଗୋଟିଏ ଦୁଇଟି ସପ୍ତାହ ଅଧିକ ସମୟ ପାଇଁ ସଙ୍ଗରୋଧରେ ରଖାଯିବା ଦରକାର। [୬]

### ସ୍ୱାସ୍ଥ୍ୟପରୀକ୍ଷା ଯନ୍ତ୍ରପାତି ଓ ରୋଗ ନିରୀକ୍ଷଣ

ଏକାନ୍ତବାସ, ସଙ୍ଗରୋଧ ଓ ଗମନାଗମନ ପାଇଁ ଲୋକେ ଏକତ୍ରିତ ହେଉଥିବା ସ୍ଥାନଗୁଡିକ ସହିତ ସମସ୍ତ ସ୍ୱାସ୍ଥ୍ୟ ଯାଞ୍ଚ ସୁବିଧା ଓ କେନ୍ଦ୍ରରେ:

- ଅନ୍ତତଃ ପକ୍ଷେ ଦୁଇଟି ଇନ୍‌ଫ୍ରାରେଡ ଥର୍ମୋମିଟର (ଗୋଟିଏ ବ୍ୟବହାରରେ ଲାଗିବା ବେଳେ ଗୋଟିଏକୁ ଅତିରିକ୍ତ ଭାବରେ) ରଖାଯିବ। ଅଥବା ପ୍ରତି ବ୍ୟକ୍ତି ପାଇଁ ଗୋଟିଏ କରି ଥର୍ମୋମିଟର ରଖାଯିବ ଓ କିଛି ପରିମାଣରେ ଥର୍ମୋମିଟର ଆବଶ୍ୟକତା ମେଣ୍ଟାଇବା ପାଇଁ ଅତିରିକ୍ତ ଭାବେ ରଖାଯିବ।
- ରକ୍ତରେ ଅମ୍ଳଜାନର ପରିମାଣ ମାପିବା ପାଇଁ ଏବଂ ରାପିଡ ଟେଷ୍ଟର ବିକଳ୍ପ ଭାବରେ ପର୍ଯ୍ୟାପ୍ତ ସଂଖ୍ୟାରେ ପଲ୍ସ ଅକ୍ସିମିଟର ରଖାଯିବା ଆବଶ୍ୟକ ଏବଂ
- ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ ସେବା ଯୋଗାଉଥବା କର୍ମୀମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ନିଜସ୍ୱ ସୁରକ୍ଷା ଉପକରଣ ମଧ ରଖାଯିବା ଜରୁରୀ।

ରାଜ୍ୟକୁ ଫେରୁଥିବା ପ୍ରବାସୀ ଲୋକମାନଙ୍କ ମଧ୍ୟରେ କାହା ଶରୀରରେ କିଛି ରୋଗ ରହିଛି କି ନାହିଁ ତାକୁ ଜାଣିବା ପାଇଁ ଉପଯୁକ୍ତ ଆଦବ କାଇଦାକୁ ମାନିବା ଉଚିତ୍। ଏହି ରୋଗ ଚିହ୍ନିବା ପ୍ରକ୍ରିୟା କେବଳ କୋଭିଡ-୧୯ ପର୍ଯ୍ୟନ୍ତ ସୀମିତ ରହିବା ଉଚିତ୍ ନୁହେଁ। ଅନ୍ୟାନ୍ୟ ରୋଗର ମଧ ଚିହ୍ନଟ ହେବା ଆବଶ୍ୟକ।

### ଜଳ, ପରିମଳ ଏବଂ ସ୍ୱାସ୍ଥ୍ୟରକ୍ଷା

ପ୍ରଥମତଃ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ଉପରେ ଗୁରୁତ୍ୱ ଦିଆଯିବା ନିହାତି ଦରକାର, ତା ସହିତ ବିଶେଷକରି ଯେଉଁମାନେ ସଙ୍ଗରୋଧ ଓ ଏକାନ୍ତବାସରେ ରହିଛନ୍ତି ସେମାନଙ୍କର ସ୍ୱାସ୍ଥ୍ୟରକ୍ଷା ପ୍ରତି ନଜର ଦିଆଯିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହାର ନ୍ୟୁନତମ କଥାଟି ହେଉଛି ସମସ୍ତଙ୍କୁ ପାଣି, ସାବୁନ୍ ମିଳିବା ଆବଶ୍ୟକ। ଯଦି ପାଣିର ଅଭାବ ରହିଛି ତେବେ ସାନିଟାଇଜର ମିଳିବା ନିହାତି ଦରକାର। ତେବେ ଯେଉଁମାନେ ସାନିଟାଇଜର ବ୍ୟବହାର କରୁଛନ୍ତି ସେମାନେ ମଧ ଖାଦ୍ୟ ଖାଇବା ପୂର୍ବରୁ ବା ରୋଷେଇ ଘରେ କିଛି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପାଣି ଏବଂ ସାବୁନ ସହାୟତାରେ ହାତକୁ ଭଲ ଭାବରେ ସଫା କରିନେବା ଆବଶ୍ୟକ। (ଧ୍ୟାନ ଦେବାକୁ ହେବ ଯେ

---

[୫] ପୂର୍ବରୁ ଦର୍ଶାଯାଇଥିବା ଲାନସେଟ୍ ପେପର ଅନୁଯାୟୀ, ୱୁହାନରେ ଫାଙ୍ଗକାଙ୍ଗ ଆଶ୍ରୟସ୍ଥଳ ଡାକ୍ତରଖାନାଗୁଡ଼ିକରେ କେବଳ କୋଭିଡ-୧୯ରେ ସଂକ୍ରମିତ ରୋଗୀଙ୍କ ପାଇଁ ଥିଲା। ଏହା ଅନ୍ୟାନ୍ୟ କାରଣରୁ ଥଣ୍ଡା ବା ଜର ହୋଇଥିବା ରୋଗୀଙ୍କ ପାଇଁ ନଥିଲା କାରଣ ସେମାନଙ୍କର ଶରୀରର ଜୀବାଣୁ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇ ଯାଇଅଛି ଓ ସେମାନେ କୋଭିଡ-୧୯ ରୋଗରେ ସଂକ୍ରମିତ ହେବାର ସମ୍ଭାବନା ବଢି ଥାଏ।

[୬] ଓଡିଶାରେ କିଛି ବିନା ଲକ୍ଷଣାତ୍ମକ କୋଭିଡ-୧୯ ସଂକ୍ରମିତ ରୋଗୀଙ୍କ ଚିହ୍ନଟ ପରେ କିଛି ପ୍ରଶ୍ନ ଉଠିଅଛି କାରଣ ଏହା ସେମାନଙ୍କର ଓଡିଶା ଫେରିବାର ତିନି ସପ୍ତାହ ପରେ ଜଣାପଡିଥିଲା ଯେତେବେଳେ ତାଲାବନ୍ଦ ଥିଲା ଓ ସମୟରେ ସେମାନେ କିଛି ପ୍ରକାରର ସଙ୍ଗରୋଧରେ ଥିଲେ।

ଆମେ ବ୍ୟବହାର କରୁଥିବା ସାନିଟାଇଜର ଗୁଡିକରେ ଯେହେତୁ ଆଲକୋହଲ ମିଶିକରି ଥାଏ ତେଣୁ ଏହା ପ୍ରଜ୍ୱଳନକ୍ଷମ ହୋଇ ରହିଥାଏ, ସତର୍କ ନହେଲେ ନିଆଁ ଲାଗିଯିବାର ମଧ୍ୟ ଭୟ ରହିଥାଏ) ଯେଉଁମାନେ ସଙ୍ଗରୋଧରେ ରହୁଛନ୍ତି ସେମାନଙ୍କୁ ପୁନଃ ପୁନଃ ବ୍ୟବହାରକ୍ଷମ ଦୁଇଟି ମାସ୍କ ଅନ୍ତତଃ ଦିଆଯିବା ସହିତ ସେଗୁଡିକୁ ସଠିକ୍ ଭାବରେ ପରିଷ୍କାର କରାଯିବାର ବ୍ୟବସ୍ଥା ରହିବା ଆବଶ୍ୟକ।

ପ୍ରତି ସଙ୍ଗରୋଧ କେନ୍ଦ୍ରରେ ପର୍ଯ୍ୟାପ୍ତ ଜଳ ଓ ଆବଶ୍ୟକ ସ୍ୱଚ୍ଛତା ଉପଲବ୍ଧ ହେବା ଆବଶ୍ୟକ। ଯାହା ଫଳରେ ସଙ୍ଗରୋଧରେ ରହୁଥିବା ବ୍ୟକ୍ତିମାନେ ଅନ୍ୟ କୌଣସି ରୋଗରେ ଆକ୍ରାନ୍ତ ହେବାରୁ ବଂଚି ପାରିବେ ଏବଂ ଏହିସବୁ ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିବ ନାହିଁ।

ସମ୍ପ୍ରତି ପ୍ରାକ-ମୌସୁମୀ ବର୍ଷା ଆରମ୍ଭ ହୋଇ ସାରିଲାଣି। ଯଦି କୌଣସି ପ୍ରଭାବିତ ବ୍ୟକ୍ତିମାନଙ୍କର ସଙ୍ଗରୋଧ ଅବଧି ବୃଦ୍ଧି କରାଯିବାର ଅଛି ତେବେ ସଙ୍ଗରୋଧ କେନ୍ଦ୍ର ଗୁଡିକ ଯେପରି ଓଦା ନ ରହନ୍ତି ସେଥିପ୍ରତି ଲକ୍ଷ୍ୟ ରଖିବାକୁ ପଡିବ ।

**ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି**

ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି।[୭] ଅନେକ ଗ୍ରାମାଞ୍ଚଳରେ ପ୍ରାୟତଃ ତାଜା  ପରିବା ଓ ଫଳର ବଜାରମାନ ଦେଖିବାକୁ ମିଳେ ନାହିଁ । ତେଣୁ ସଙ୍ଗରୋଧ କେନ୍ଦ୍ର ଗୁଡିକ ପାଖ ବଜାରରୁ ତାଜା ଫଳ ଓ ପରିବା କିଣି ରଖିବା ଆବଶ୍ୟକ। ଏହା କେବଳ ଆକ୍ରାନ୍ତ ମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବ ବୋଲି ନୁହେଁ ଏହା ଫଳରେ ସ୍ଥାନୀୟ ଅର୍ଥନୀତିର ମଧ୍ୟ ବିକାଶ ଘଟିବ।

ସଙ୍ଗରୋଧରେ ଥିବା ଆକ୍ରାନ୍ତ ବ୍ୟକ୍ତିମାନଙ୍କର ଶରୀରିକ ଓ ମାନସିକ ଆବଶ୍ୟକତା ପ୍ରତି ସବୁମତେ ଧ୍ୟାନ ରଖିବାକୁ ହେବ। ଶାରୀରିକ ବ୍ୟାୟାମ, ଆବଶ୍ୟକ ସାମାଜିକ ଦୂରତା ବଜାୟ ରଖାଯାଇ ଆକ୍ରାନ୍ତ ମାନଙ୍କୁ ସମ୍ପର୍କୀୟ ବା ସମାଜର ଅନ୍ୟମାନଙ୍କ ସହିତ ମିଶିବାକୁ ଦିଆଯିବା ଉଚିତ୍। କେହି କାହାରି ସଂସ୍ପର୍ଶରେ ନ ଆସି ମଧ୍ୟ ସଙ୍ଗରୋଧରେ ଥିବା ବ୍ୟକ୍ତିମାନେ କିଛି କାର୍ଯ୍ୟକ୍ରମରେ ଭାଗ ନେଲେ ତାହା ବେଶ୍ ଉପକାରୀ ପ୍ରମାଣିତ ହୋଇ ପାରିବ। ଅନେକ ପ୍ରବାସୀ ଶ୍ରମିକ କୃଷିକାର୍ଯ୍ୟ ସହିତ ସମ୍ପର୍କିତ ନୁହନ୍ତି। କିନ୍ତୁ ସେମାନେ ବର୍ତ୍ତମାନ ପୁଣି ଥରେ କାମ ପାଇଁ ବାହାରକୁ ଯାଇ ନ ପାରନ୍ତି ତେଣୁ ଯଦି ସେମାନେ  କୃଷିକାର୍ଯ୍ୟକୁ ଆପଣେଇବାକୁ ଚାହାନ୍ତି ଓ ଯେହେତୁ ସେମାନଙ୍କର ଅଣକୃଷି ରୋଜଗାର ଏବେର ଖର୍ଚ୍ଚବହୁଳ କୃଷିକାର୍ଯ୍ୟ ପାଇଁ ସଠିକ ହୋଇ ନ ପାରେ ସେଥିପାଇଁ ସେମାନଙ୍କୁ ସଙ୍ଗରୋଧରେ ଥିବା ଅବସ୍ଥାରେ ହିଁ କୃଷିକାର୍ଯ୍ୟ ଉପରେ ତାଲିମ ଦିଆଯିବା ଦରକାର। ଯାହା ଫଳରେ ସଙ୍ଗରୋଧରୁ ବାହାରିବା ବେଳକୁ ସେମାନେ କୃଷିକାର୍ଯ୍ୟ ପାଇଁ ଶାରୀରିକ ଭାବେ ପାରଙ୍ଗମ ହୋଇ ପାରିବେ।

ବାସ୍ତବରେ ଯେଉଁ ପ୍ରବାସୀ ଶ୍ରମିକ ମାନେ ଫେରି ଆସୁଛନ୍ତି ଓ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସଙ୍ଗରୋଧ କେନ୍ଦ୍ରରେ ରହୁଛନ୍ତି ସେମାନେ ନିଜକୁ ରୋଷେଇ, ଲୁଗାପଟା ସଫା କରିବା, ସ୍ୱଚ୍ଛତା ରକ୍ଷା କରିବା, ପରିବେଶକୁ, ନିଜକୁ ସଂକ୍ରମଣ ରହିତ କରିବା ଆଦି କାର୍ଯ୍ୟରେ ସଂଗଠିତ କରିବା ଆବଶ୍ୟକ। ଏଥିରେ ବାହ୍ୟ ଅନୁପ୍ରବେଶକୁ ଯେତେ କମ କରାଯାଇ ପାରେ ସେତେ ଭଲ। ଏଭଳି କାର୍ଯକ୍ରମ ସେମାନଙ୍କୁ ଶାରୀରିକ ଏବଂ ମାନସିକ ରୂପରେ ନିୟୋଜିତ ରଖି ପାରିବ।

**ଉପସଂହାର**

ଥରେ ଭାରତରେ ତାଲାବନ୍ଦ ସହଜ ହୋଇଗଲା ପରେ ବହୁ ସଂଖ୍ୟାରେ ପ୍ରବାସୀ ଶ୍ରମିକମାନେ ଫେରିବା ଆରମ୍ଭ କରିବେ। ସେଭଳି କ୍ଷେତ୍ରରେ ଆମର ପ୍ରସ୍ତାବ ହେଉଛି ହଟସ୍ପଟ ଗୁଡିକରେ ଲାଗିଥିବା ପ୍ରତିବନ୍ଧକକୁ ଜାରୀ ରଖାଯିବା ଉଚିତ ଓ ଫେରିବାକୁ ଇଚ୍ଛୁକ ଶ୍ରମିକମାନଙ୍କୁ ନିୟନ୍ତ୍ରିତ ଭାବେ ଫେରିବାପାଇଁ ବ୍ୟବସ୍ଥା କରାଯିବା ଆବଶ୍ୟକ। ଫେରନ୍ତା ଶ୍ରମିକଙ୍କର ପଞ୍ଜିକରଣ ବେଳେ ବର୍ଜିତ ତ୍ରୁଟି କୁ କମ କରିବା ପାଇଁ  ବାଧ୍ୟତାମୂଳକ ସର୍ତ୍ତଗୁଡ଼ିକୁ ସୀମିତ ରଖାଯିବା ଆବଶ୍ୟକ। ଏହି ସମୟରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ସହିତ ସ୍ୱତନ୍ତ୍ର ରେଳ/ବସ ଆଦି ଚଳାଯିବା ଦରକାର। ବହୁ ପରିମାଣରେ ସଂକ୍ରମିତ ଲୋକଙ୍କୁ ସଙ୍ଗରୋଧରେ ରଖାଯିବା ସମୟରେ ଯେପରି ଅଧିକ ଲୋକ ସଂକ୍ରମିତ ନ ହୁଅନ୍ତି ତା ପ୍ରତି  ନଜର ରଖିବାକୁ ହେବ। ଏଥିପାଇଁ ଭିନ୍ନ ଭିନ୍ନ ପ୍ରକ୍ରିୟା ଓ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା

[୭] ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ ମଧ୍ୟ ଏକ ପରାମର୍ଶ ଆଣିଛି, ଯାହାକି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନୀତିପତ୍ର ୧୫  (PB15NCDS) ଭାବରେ ଓଡିଆରେ ଅନୁବାଦ କରାଯାଇଛି। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ପୁଷ୍ଟିକର ଶିକ୍ଷା ର ଯୋଜନା ପାଇଁ ଗ୍ଲୋବାଲ୍ କେନ୍ଦ୍ରର କୋଭିଡ-୧୯ ପାଇଁ ପୁଷ୍ଟିର ଉପଯୋଗୀ କୁ ନେଇ ଏକ ୧୦-ପଏଣ୍ଟର୍ ପ୍ରକାଶ କରିଛନ୍ତି।

ଆପଣାଯିବା ଉପରେ ବିଚାର କରିବାକୁ ହେବ। ଏହା ସହିତ, କେତେକ ମୌଳିକ ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣ, ଅଣ-କୋଭିଡ ରୋଗ ସହିତ ସମସ୍ତ ରୋଗ ନିରୀକ୍ଷଣ ପ୍ରତି ଧ୍ୟାନ ଦିଆଯିବା, ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷା ଉପରେ ଧ୍ୟାନ ଦିଆଯିବା ସହିତ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି କରାଯିବା କଥା ଉଲ୍ଲେଖ କରାଯାଇଅଛି।

---

This is the seventh NCDS policy brief in the COVID-19 series. The other six have been on analysis of cases across countries and provinces of China (PB12NCDS, 20 March 2020), on behavioural biases that could lead to panic like asking health care professionals to leave rented premises (PB13NCDS, 25 March 2020), on strengthening COVID hospitals and concerns of community transmission in Odisha (PB14NCDS, 28 March 2020), କୋଭିଡ-୧୯ ମହାମାରୀ ସମୟରେ ପୁଷ୍ଟିକର ଖାଦ୍ୟର ଉପଯୋଗିତା (PB15NCDS, 7 April 2020), which is an Odia translation of "Maintaining a healthy diet during COVID-19 pandemic" prepared by the Food and Agriculture Organization of the United Nations, a cross-country analysis of positive cases and testing (PB16NCDS, 11 April 2020), and frequently asked questions on rapid antibody test (PB17NCDS, 20 April 2020; ଯାହାର ଓଡ଼ିଆ ସଂସ୍କରଣ, PB17aNCDS, 23 April 2020).

After publication of the English version of this policy brief, some of the suggestions are there in the decisions taken by Government of India's Order on movement of migrant labour, Government of Odisha's Order to bring back stranded Odias in other states, and Indian Railways has also started running special trains. ଏହି ନୀତିପତ୍ରର ଇଂରାଜୀ ସଂସ୍କରଣ ପ୍ରକାଶ ପାଇଲା ପରେ ଏଥିରେ ଥିବା କିଛି ପ୍ରସ୍ତାବ ଭାରତ ସରକାର, ଓଡ଼ିଶା ସରକାର ଓ ଭାରତୀୟ ରେଳବାଇଙ୍କର କିଛି ଆଦେଶ ଓ ନିର୍ଣ୍ଣୟରେ ମଧ୍ୟ ଅଛି।

-0-X-0-




Nabakrushna Choudhury Centre for Development Studies (NCDS)
(an Indian Council of Social Science Research (ICSSR) institute
in collaboration with Government of Odisha)
Bhubaneswar-751013, Odisha, India

Phone: +91-674-2301094
Email: ncds_bbsr@dataone.in
Web: ncds.nic.in
Facebook: @ncdsbhubaneswar
Twitter: @ncds_bbsr
Google Maps: NCDS Bhubaneswar